ଓଡ଼ିଆ ବିଶ୍ୱବିଦ୍ୟାଳୟ , ସତ୍ୟବାଦୀ , ପୁରୀ – ୭୫୨୦୧୪

ODIA UNIVERSITY, SATYABADI, PURI, 752014

Mail ID- odiauniversity.satyabadi@gmail.com

ବିଜ୍ଞାପନ ସଂଖ୍ୟା:- ୫୭୮ **ତାରିଖ:- ୦୩.୦୭.୨୦୨୪**

ଅସ୍ଥାୟୀ ଅବସରପ୍ରାପ୍ତ ପ୍ରଫେସର/ସହକାରୀ ପ୍ରଫେସର/ ଅତିଥି ଅଧ୍ୟାପକ ନିଯୁକ୍ତି ନିମନ୍ତେ ବିଜ୍ଞାପନ

ଓଡ଼ିଆ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ଅସ୍ଥାୟୀ ପ୍ରଫେସର /ସହକାରୀ ପ୍ରଫେସର ପଦରେ ନିଯୁକ୍ତି ପାଇଁ ଅବସରପ୍ରାପ୍ତ ପ୍ରଫେସର / ସହକାରୀ ପ୍ରଫେସରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉପଯୁକ୍ତ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିର୍ଦ୍ଧାରିତ ଆବେଦନ ପତ୍ରରେ କୁଳସଚିବ, ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀଙ୍କୁ ତା୨୫.୦୭.୨୦୨୪ରିଖ ଅପରାହ୍ଣ ଘ୫.୦୦ଟିକା ମଧ୍ୟରେ ପଞ୍ଜୀକୃତ ଡାକ/ତ୍ୱରିତ ଡାକ ମାଧ୍ୟମରେ ଆବେଦନ କରିପାରିବେ । ଆବେଦନ ପତ୍ର ସହିତ ନିଜର ଶିକ୍ଷାଗତ ଯୋଗ୍ୟତା, ପୂର୍ବ ପେଶାଗତ ବୃତ୍ତିର ବିବରଣୀ, ସେବାନିବୃତ୍ତି ଆଦେଶପତ୍ରର ନକଲ ଦାଖଲ କରିବାକୁ ହେବ । ଅଧିକ ବିବରଣୀ ପାଇଁ ବିଶ୍ୱବିଦ୍ୟାଳୟର ୱେବସାଇଟ https://odiauniversity.ac.in ଦେଖିପାରିବେ ।

କୌଣସି କାରଣ ନ ଦର୍ଶାଇ ବିଜ୍ଞାପନକୁ ରଦ୍ଦ କରିବାର କ୍ଷମତା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ନିହିତ ଅଛି ।

ସାକ୍ଷାତକାର ପାଇଁ ଯୋଗ୍ୟ ବିବେଚିତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ କୌଣସି ଯାତାୟାତ ଖର୍ଚ୍ଚ କିମ୍ବା ଦୈନିକ ଭତ୍ତା ଦିଆଯିବାର ବ୍ୟବସ୍ଥା ନାହିଁ ।

- ସ୍ୱା -
କୁଳସଚିବ

ଓଡ଼ିଆ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ଅସ୍ଥାୟୀ ଅବସରପ୍ରାପ୍ତ ପ୍ରଫେସର/ଅବସରପ୍ରାପ୍ତ ସହକାରୀ ପ୍ରଫେସର/ଅତିଥି ଅଧ୍ୟାପକ ନିଯୁକ୍ତି ସମ୍ପର୍କିତ ନିୟମାବଳୀ

କ) ନିଯୁକ୍ତି ପଦ୍ଧତି:

୧) ଖାଲିଥିବା ଅବସରପ୍ରାପ୍ତ ପ୍ରଫେସର/ଅବସରପ୍ରାପ୍ତ ସହକାରୀ ପ୍ରଫେସର/ଅତିଥି ଅଧ୍ୟାପକ ପଦବୀଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟସୀମା ଲାଗି ଉଦ୍ଦିଷ୍ଟ ।

୨) ଏହି ପଦବୀଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ସ୍ୱଳ୍ପକାଳୀନ ।

ଖ) ପଦବୀଗୁଡ଼ିକର ପ୍ରକାର ଭେଦ:

୧) ଖାଲିଥିବା ପ୍ରଫେସର ପଦଗୁଡ଼ିକ କେବଳ ଅବସରପ୍ରାପ୍ତ ପ୍ରଫେସର, ସହାୟକ ପ୍ରଫେସର, ପ୍ରଫେସର ଏମେରିଟସ, ପ୍ରାକ୍ଟିସ ପ୍ରଫେସର କିମ୍ବା ବିଶିଷ୍ଟ ଅତିଥି ଅଧ୍ୟାପକମାନଙ୍କ ଦ୍ୱାରା ପୂରଣ କରାଯିବ ।

୨) ଖାଲିଥିବା ସହକାରୀ ପ୍ରଫେସର ପଦବୀ ପୂରଣ ନିମନ୍ତେ 'ଖ'-୧ ରେ ଉଲ୍ଲିଖିତ ଯେ କୌଣସି ପଦବୀର ଅଧିକାରୀ ନିଯୁକ୍ତ ହୋଇପାରିବେ କିନ୍ତୁ ସେମାନଙ୍କର ମାସିକ ପାରିତୋଷିକ ଅତିଥି ଅଧ୍ୟାପକଙ୍କ ପାରିତୋଷିକ ଅନୁସାରେ ଦିଆଯିବ ।

୩) ଦେଶର ଯେ କୌଣସି ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ବା ଘରୋଇ ଉଚ୍ଚଶିକ୍ଷା ଅନୁଷ୍ଠାନର ଅବସର ପ୍ରାପ୍ତ ଅଧିକାରୀ ଆବଶ୍ୟକୀୟ ଯୋଗ୍ୟତା ଭିତ୍ତିରେ ୟୁଜିସି ନିର୍ଦ୍ଦେଶନାମା ଅନୁସାରେ ଆବେଦନ କରିପାରିବେ ।

ଗ) ଖାଲିଥିବା ପଦବୀ :

କ୍ରମିକ ସଂଖ୍ୟା	ବିଭାଗ	ମଞ୍ଜୁରୀ ପ୍ରାପ୍ତ ପଦ ଅନୁସାରେ ବିଜ୍ଞପ୍ତି, ପତ୍ରସଂଖ୍ୟା ଓ ତାରିଖ ୪୪୭୭/ଉ.ବି/୦୧.୦୨.୨୦୨୪		ସମୁଦାୟ ପଦବୀ		
		ପ୍ରଫେସର	ସହକାରୀ ପ୍ରଫେସର/ଅତିଥି ଅଧ୍ୟାପକ	ପ୍ରଫେସର	ସହକାରୀ ପ୍ରଫେସର/ଅତିଥି ଅଧ୍ୟାପକ	ସମୁଦାୟ
୧	ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ	୧	୩	୧	୩	୪
୨	ଭାଷାତତ୍ତ୍ୱ ଓ ପ୍ରାକୃତିକ ଭାଷା ବିଶ୍ଳେଷଣ ବିଭାଗ	୧	୨	୧	୨	୩
୩	ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ	୧	୨	୧	୨	୩
	ମୋଟ	**୩**	**୭**	**୩**	**୭**	**୧୦**

ଘ) <u>ନିଯୁକ୍ତିର ଅବଧି :</u>

୧। ପଦବୀଗୁଡ଼ିକର କାର୍ଯ୍ୟକାଳ ଅବଧି ଏକକାଳୀନ ସର୍ବାଧିକ ଏକ ବର୍ଷ କିମ୍ବା ବିଶ୍ୱବିଦ୍ୟାଳୟ ଦ୍ୱାରା ନିୟମିତ ନିଯୁକ୍ତି ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ପଡ଼ିବ ।

୨। ନିଯୁକ୍ତ ପ୍ରାର୍ଥୀଙ୍କର କାର୍ଯ୍ୟର ତ୍ରୈମାସିକ ଅନୁଶୀଳନ ସନ୍ତୋଷଜନକ ହେଲେ ସେମାନଙ୍କ ନିଯୁକ୍ତି ଜାରି ରହିବ ।

୩। ନିଯୁକ୍ତ ଅବସରପ୍ରାପ୍ତ ପ୍ରଫେସରମାନେ ୭୦ ବର୍ଷ ହେବା ଯାଏଁ ଶିକ୍ଷାଦାନ ଜାରି ରଖିପାରିବେ, ଯାହା ସେମାନଙ୍କର ନିର୍ଦ୍ଦିଷ୍ଟ କାଳିକ ସନ୍ତୋଷଜନକ ସମୀକ୍ଷା ଉପରେ ନିର୍ଭର କରିବ ।

୪। ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଭାବେ ଅସ୍ଥାୟୀ ଏବଂ କୌଣସି ପରିସ୍ଥିତିରେ ଏହାକୁ ସ୍ଥାୟୀ ନିଯୁକ୍ତି ଭାବେ ଦାବୀ କରାଯାଇ ପାରିବ ନାହିଁ ।

ଙ) <u>ଯୋଗ୍ୟତା :</u>

ୟୁଜିସି ନିର୍ଦ୍ଦେଶନାମା ଅନୁସାରେ ବିଭିନ୍ନ ପଦବୀ ନିମନ୍ତେ ପ୍ରାର୍ଥୀମାନଙ୍କର ଯୋଗ୍ୟତା ଗ୍ରହଣ କରାଯିବ, କିନ୍ତୁ ପ୍ରାର୍ଥୀମାନଙ୍କର ଯୋଗ୍ୟତା **ସ୍ନାତକୋତ୍ତର ଓଡ଼ିଆ ଓ ପିଏଚ.ଡି** ସହ ନିମ୍ନଲିଖିତ ସ୍ୱତନ୍ତ୍ର ପତ୍ର ଥିବା ନିହାତି ଦରକାର।

କ୍ରମିକ ସଂଖ୍ୟା	**ବିଭାଗର ନାମ**	**ପଦ**	**ନିମ୍ନଲିଖିତ ସ୍ୱତନ୍ତ୍ରପତ୍ର ଥିଲେ ଅଗ୍ରାଧିକାର ଦିଆଯିବ**
୧।	**ଆଞ୍ଚଳିକ, ଜନଜାତି ଭାଷା ଏବଂ ଐତିହ୍ୟ ଅଧ୍ୟୟନ ବିଭାଗ**	୧. ପ୍ରଫେସର	୧. ଆଞ୍ଚଳିକ, ଜନଜାତି ଭାଷା ଓ ଐତିହ୍ୟ
		୨. ସହକାରୀ ପ୍ରଫେସର	୨. ଆଞ୍ଚଳିକ, ଜନଜାତି ଭାଷା ଓ ଐତିହ୍ୟ
		୩. ସହକାରୀ ପ୍ରଫେସର	୩. ଲୋକ ସାହିତ୍ୟ ଅଥବା ପ୍ରାଚୀନ ସାହିତ୍ୟ
		୪. ସହକାରୀ ପ୍ରଫେସର	୪. କାବ୍ୟ କବିତା ଅଥବା ଆଧୁନିକ କବିତା
୨।	**ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**	୧. ପ୍ରଫେସର	୧. ପ୍ରାଚୀନ କବିତା/ମଧ୍ୟଯୁଗୀୟ କବିତା/ଆଧୁନିକ କବିତା
		୨. ସହକାରୀ ପ୍ରଫେସର	୨. କ୍ଷୁଦ୍ର ଗଳ୍ପ/ଉପନ୍ୟାସ
		୩. ସହକାରୀ ପ୍ରଫେସର	୩. ନାଟକ/ଆଧୁନିକ କବିତା
୩।	**ଭାଷାତତ୍ତ୍ୱ ଏବଂ ପ୍ରାକୃତିକ ଭାଷା ବିଶ୍ଳେଷଣ ବିଭାଗ**	୧. ପ୍ରଫେସର	୧. ଭାଷାତତ୍ତ୍ୱ
		୨. ସହକାରୀ ପ୍ରଫେସର	୨. ପ୍ରାକୃତିକ ଭାଷା ବିଶ୍ଳେଷଣ
		୩. ସହକାରୀ ପ୍ରଫେସର	୩. ତୁଳନାତ୍ମକ ଓ ଅନୁବାଦ ସାହିତ୍ୟ/ଗଦ୍ୟ ସାହିତ୍ୟ

- **ପିଏଚ. ଡି ଯୋଗ୍ୟତା ନଥିବା ପ୍ରାର୍ଥୀମାନେ ପାରିତୋଷିକ ସାରଣୀର କ୍ର. ନଂ ୩ ଅନୁଯାୟୀ ଯୋଗ୍ୟ ହେବେ।**

ଚ) <u>ପାରିତୋଷିକ :</u>

କ୍ରମିକ ସଂଖ୍ୟା	ପଦବୀ	ଦାୟିତ୍ୱ ନିର୍ବାହ*	ମାସିକ ପାରିତୋଷିକ**
୧	ଅବସରପ୍ରାପ୍ତ ପ୍ରଫେସର	ଅତିକମରେ ମାସିକ ୩୫ଗୋଟି କ୍ଲାସ୍ ଓ ଗବେଷଣା ମାର୍ଗଦର୍ଶନ ସହ ପ୍ରାଶାସନିକ ଦାୟିତ୍ୱ	୫୦୦୦୦/- ଟଙ୍କା
୨	ଅତିଥି ଅଧ୍ୟାପକ ଅଥବା ଅବସରପ୍ରାପ୍ତ ସହକାରୀ ପ୍ରଫେସର ପିଏଚ. ଡି ଯୋଗ୍ୟତା ସହିତ ସ୍ନାତକୋତ୍ତର ପାଠ୍ୟକ୍ରମ ଶିକ୍ଷାଦାନ ଅଭିଜ୍ଞତା	ମାସିକ ୪୦ ଗୋଟି କ୍ଲାସ ଠାରୁ ଅଧିକ ହେଲେ ବିଶ୍ୱବିଦ୍ୟାଳୟ ଦ୍ୱାରା ଯାହା ପ୍ରାଶାସନିକ ଦାୟିତ୍ୱ ଦିଆଯିବ ତାହା ନିର୍ବାହ କରିବେ	କ୍ଲାସ୍ ପ୍ରତି ୧୦୦୦/- ଟଙ୍କା ଅଥବା ମାସକୁ ଅତିବେଶିରେ ୬୦୦୦୦/- ଟଙ୍କା
୩	ଅତିଥି ଅଧ୍ୟାପକ ଅଥବା ଅବସରପ୍ରାପ୍ତ ସହକାରୀ ପ୍ରଫେସର (ପିଏଚ. ଡି ଯୋଗ୍ୟତା ବିନା) ତତ୍ ସହିତ ସ୍ନାତକୋତ୍ତର ପାଠ୍ୟକ୍ରମ ଶିକ୍ଷାଦାନ ଅଭିଜ୍ଞତା	ମାସିକ ୪୦ ଗୋଟି କ୍ଲାସ୍ ଠାରୁ ଅଧିକ ହେଲେ ବିଶ୍ୱବିଦ୍ୟାଳୟ ଦ୍ୱାରା ଯାହା ପ୍ରାଶାସନିକ ଦାୟିତ୍ୱ ଦିଆଯିବ ତାହା ନିର୍ବାହ କରିବେ	କ୍ଲାସ୍ ପ୍ରତି ୭୫୦/- ଟଙ୍କା ଅଥବା ମାସକୁ ଅତିବେଶିରେ ୪୫୦୦୦/- ଟଙ୍କା

* ଯଦି ଅନୁମୋଦିତ କ୍ଲାସ୍ ଠାରୁ ଶିକ୍ଷାଦାନ କ୍ଲାସ୍ ସଂଖ୍ୟା କମ୍ ହୁଏ ତେବେ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ସେହି ମାସର କ୍ଲାସ୍ ସଂଖ୍ୟା ଅନୁସାରେ କିମ୍ବା ପରବର୍ତ୍ତୀ ମାସର କ୍ଲାସ୍ ସଂଖ୍ୟାର ସମାନୁପାତିକ କରି ପାରିତୋଷିକ ପ୍ରଦାନ କରାଯିବ ।

** ପାରିତୋଷିକ ବିନା ଅନ୍ୟ କୌଣସି ଆର୍ଥିକ ସହାୟତା କାହାକୁ ଦିଆଯିବ ନାହିଁ ।

କ) ପୂର୍ବ ସାରଣୀ ଅନୁସାରେ ମାସିକ ଶିକ୍ଷାଦାନ କ୍ଲାସ୍ ସଂଖ୍ୟା ଦେଖି ପାରିତୋଷିକ ଦିଆଯିବ ।

ଖ) ସମସ୍ତ ନିଯୁକ୍ତ ଅଧ୍ୟାପକଙ୍କୁ ବର୍ଷକୁ ୧୦ ଦିନ ଛୁଟି ଦିଆଯିବ ।

ଗ) ନିୟମାନୁଯାୟୀ କୌଣସି ଟିକସ କିମ୍ବା ଆୟକର ଭରଣ ଇତ୍ୟାଦି ନିଯୁକ୍ତ ଅଧ୍ୟାପକମାନଙ୍କର ନିଜସ୍ୱ ଦାୟିତ୍ୱ ।

ଘ) ଟି ଡି ଏସ ସହିତ ସମସ୍ତ ପ୍ରକାର ବୈଧାନିକ କର ବିଶ୍ୱବିଦ୍ୟାଳୟ ଦ୍ୱାରା ନିୟମାନୁଯାୟୀ ପାଉଣା ଦେବାବେଳେ କଟାଯିବ ।

ଛ) <u>ଚୟନର ଆଧାର</u> **:**

ক্রমিক সংখ্যা	শিক্ষাগত প্রমাণপত্র	মার্ক		
୧.	**ସ୍ନାତକ**	ଶତକଡ଼ା ୮୦% ରୁ ଊର୍ଦ୍ଧ୍ୱ=୧୦ ମାର୍କ	ଶତକଡ଼ା ୬୦% ରୁ ଊର୍ଦ୍ଧ୍ୱ ଓ ଶତକଡ଼ା ୭୯% ରୁ କମ୍ =୦୮ ମାର୍କ	ଶତକଡ଼ା ୫୦% ରୁ ଊର୍ଦ୍ଧ୍ୱ ଓ ଶତକଡା ୫୯% ରୁ କମ୍ =୦୫ ମାର୍କ
୨.	**ସ୍ନାତକୋତ୍ତର**	ଶତକଡ଼ା ୮୦% ରୁ ଊର୍ଦ୍ଧ୍ୱ=୧୦ ମାର୍କ	ଶତକଡ଼ା ୬୦% ରୁ ଊର୍ଦ୍ଧ୍ୱ ଓ ଶତକଡ଼ା ୭୯% ରୁ କମ୍ = ୦୮ ମାର୍କ	ଶତକଡ଼ା ୫୫% (ଅନୁସୂଚିତ ଜାତି / ଜନଜାତି / ଓବିସି(ଅନୁଚ ବର୍ଗ)/ ଶାରୀରିକ ଭିନ୍ନକ୍ଷମଙ୍କ ପାଇଁ ଶତକଡ଼ା ୫୦ %) ରୁ ଊର୍ଦ୍ଧ୍ୱ ଓ ଶତକଡ଼ା ୫୯ରୁ କମ୍ = ୫ ମାର୍କ
୩.	**ଏମ୍. ଫିଲ**	ଶତକଡ଼ା ୬୦% ରୁ ଊର୍ଦ୍ଧ୍ୱ =୧୦ ମାର୍କ ୫୫% ରୁ ଊର୍ଦ୍ଧ୍ୱ କିନ୍ତୁ ୫୯% ରୁ କମ୍ = ୭ ମାର୍କ	ଏମ୍. ଫିଲ+ ପିଏଚ. ଡି = ମାର୍କ ସର୍ବୋଚ୍ଚ ୨୦ ମାର୍କ	
୪.	**ପିଏଚ. ଡି**	୨୦ ମାର୍କ		
୫.	**ନେଟ ସହିତ ଜେଆରଏଫ**	୧୦ ମାର୍କ	ଜେଆରଏଫ/ ନେଟ/ସେଟ ସର୍ବୋଚ୍ଚ – ୧୦ ମାର୍କ	
	ନେଟ	୦୭ ମାର୍କ		
	ସେଟ/ସ୍ଲେଟ	୦୫ ମାର୍କ		
୬.	**ଗବେଷଣା ସମ୍ବନ୍ଧୀୟ ପ୍ରକାଶନ (ପ୍ରତ୍ୟେକ peer reviewed/UGC Care List Journal**ରେ **ପ୍ରକାଶନ ପାଇଁ ୦୧ ମାର୍କ)**	ସର୍ବୋଚ୍ଚ – ୧୦ ମାର୍କ		
୭.	**ଅଧ୍ୟାପନା ଅଭିଜ୍ଞତା (୦୧ ବର୍ଷ ପାଇଁ ୦୧ ମାର୍କ)**	ସର୍ବୋଚ୍ଚ – ୧୦ ମାର୍କ		
୮.	**ଡେମୋ କ୍ଲାସ ଓ ସାକ୍ଷାତକାର**	୪୦ ମାର୍କ (କେବଳ ସହକାରୀ ପ୍ରଫେସର ଓ ଅତିଥି ଅଧ୍ୟାପକମାନଙ୍କ ପାଇଁ)		
୯.	**ସାକ୍ଷାତକାର**	୨୦ ମାର୍କ (କେବଳ ପ୍ରଫେସରମାନଙ୍କ ପାଇଁ)		

କ) ଡେମୋ କ୍ଲାସର ସମୟସୀମା ୧୦ ମିନିଟ୍ ।

ଖ) ସ୍ନାତକୋତ୍ତର CBCS ମଡେଲର ପାଠ୍ୟସୂଚୀ ମଧ୍ୟରୁ ଯେକୌଣସି ବିଷୟ ଡେମୋ କ୍ଲାସ୍ ନିମନ୍ତେ ଚୟନ କରାଯିବ ।

ଗ) ଉପରଲିଖିତ ମାନଦଣ୍ଡ ଆଧାରରେ ପ୍ରାର୍ଥୀମାନଙ୍କର ଯୋଗ୍ୟତା ତାଲିକା ପ୍ରସ୍ତୁତ କରାଯିବ ଏବଂ ଏହା ଫଳ ପ୍ରକାଶନର ୦୧ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରହିବ ।

ବି.ଦ୍ର : ସାକ୍ଷାତକାର ନିମନ୍ତେ ପ୍ରାର୍ଥୀଙ୍କ ସଂଖ୍ୟା ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ଥିରୀକୃତ ହେବ ।

ଜ) <u>ନିଯୁକ୍ତ ଅଧ୍ୟାପକଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ :</u> ଏହି ନିର୍ଦ୍ଦେଶାବଳୀ ଅନୁସାରେ ନିଯୁକ୍ତ ପ୍ରଫେସର/ସହକାରୀ ପ୍ରଫେସର/ ଅତିଥି ଅଧ୍ୟାପକଗଣ ବିନ୍ଦୁ ୪ ରେ ଉଲ୍ଲିଖିତ କର୍ତ୍ତବ୍ୟ ସହିତ ନିମ୍ନଲିଖିତ ଅତିରିକ୍ତ ଦାୟିତ୍ୱ ବହନ କରିବେ ।

- ଶୈକ୍ଷିକ କାର୍ଯ୍ୟ ଯଥା ଶିକ୍ଷାଦାନ, ପରୀକ୍ଷାକାର୍ଯ୍ୟ ନିର୍ବାହ ଏବଂ ଗବେଷଣା ଦିଗଦର୍ଶନ । ସ୍ନାତକୋତ୍ତର ବିଦ୍ୟାର୍ଥୀମାନଙ୍କର ଗବେଷଣା ପ୍ରୋଜେକ୍ଟର ଦିଗଦର୍ଶକ ହୋଇପାରିବେ । ଗବେଷଣା ପ୍ରକଳ୍ପ କିମ୍ବା ପି ଏଚ ଡି ମାର୍ଗଦର୍ଶନ ନିମନ୍ତେ ସେମାନେ ସହ - ମାର୍ଗଦର୍ଶକ ଭାବରେ ନିଜର ଯୋଗ୍ୟତା ଏବଂ ଅଭିଜ୍ଞତା ଅନୁଯାୟୀ ରହି ପାରିବେ।
- ଅନୁଦାନ ଦେଉଥିବା ସଂସ୍ଥାର ନିୟମାନୁଯାୟୀ ସେମାନେ ଗବେଷଣା କିମ୍ବା ପ୍ରଯୋଜିତ ଗବେଷଣା କରି ପାରିବେ ।
- ନୂଆ ବିକାଶଶୀଳ କ୍ଷେତ୍ରରେ ସେମାନେ ଶିକ୍ଷାଦାନ ଜାରି ରଖିପାରିବେ ।
- ସେମାନେ ବିଶ୍ୱବିଦ୍ୟାଳୟର ସଂଯୁକ୍ତ ଆୟୋଜକଙ୍କ ସହିତ (ବିଶ୍ୱବିଦ୍ୟାଳୟ ତରଫରୁ କୌଣସି ପ୍ରକାର ଆର୍ଥିକ ପ୍ରତିଶ୍ରୁତି ବିନା) ଯେକୌଣସି ଜାତୀୟ/ଅନ୍ତର୍ଜାତୀୟ ସେମିନାର/ସମ୍ମିଳନୀ/କର୍ମଶାଳା ଆୟୋଜନ କିମ୍ବା ସେଥିରେ ଯୋଗ ଦାନ କରିପାରିବେ ।
- ବିଶ୍ୱବିଦ୍ୟାଳୟ ନିୟମାବଳୀ ଅନୁଯାୟୀ ସେମାନେ ଜ୍ଞାନ-ଆଧାରିତ ପରାମର୍ଶ/ ପରାମର୍ଶ ଭିତ୍ତିକ କାର୍ଯ୍ୟଭାର ଗ୍ରହଣ କରି ପାରିବେ ।
- ଅତିଥି ଅଧ୍ୟାପକ ଭାବେ ଗବେଷଣା ପତ୍ର ଉପସ୍ଥାପନ କରିବା ପାଇଁ ସେମାନେ ଅନ୍ୟ ଅନୁଷ୍ଠାନର ନିମନ୍ତ୍ରଣ ଗ୍ରହଣ କରି ପାରିବେ ।
- ବିଶ୍ୱବିଦ୍ୟାଳୟରେ କିମ୍ବା ଅନ୍ୟ କୌଣସିଠାରେ ଦରକାର ହେଲେ ଶୈକ୍ଷିକ/ଗବେଷଣା କମିଟିଗୁଡ଼ିକରେ ଯୋଗଦାନ କରି ପାରିବେ ।
- କିନ୍ତୁ ସେମାନେ କୌଣସି ପ୍ରାଶାସନିକ କିମ୍ବା ଆର୍ଥିକ ଦାୟିତ୍ୱ ନେବା ପାଇଁ ଯୋଗ୍ୟ ହେବେ ନାହିଁ ।

ଝ) <u>ସାଧାରଣ ନିୟମାବଳୀ</u>:

୧. ଆବେଦନକାରୀମାନଙ୍କୁ ଲଫାପାରେ ଆବେଦନ ପତ୍ର ଓ ସମସ୍ତ ପ୍ରମାଣପତ୍ର ସହ, ବିଜ୍ଞାପନ ସଂଖ୍ୟା..... ଏବଂ ଆବେଦନ କରୁଥିବା ପଦର ନାମ.....ବିଷୟ ..... ଲଫାପା ଉପରେ ଲେଖି ପଠାଇବାକୁ ପଡ଼ିବ ।

୨. ପ୍ରଦତ୍ତ ସୂଚନାର ପ୍ରାମାଣିକତା ପାଇଁ ଆବେଦନକାରୀ ସମ୍ପୂର୍ଣ୍ଣ ଉତ୍ତରଦାୟୀ ରହିବେ ।

୩. ବିଜ୍ଞାପନ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ୱେବ୍ ସାଇଟ www.odiauniversity.ac.in ରେ ଉପଲବ୍ଧ । ଆବେଦନକାରୀମାନେ ଆବେଦନ ପତ୍ର ପୂରଣ କରିବା ପୂର୍ବରୁ ସେଗୁଡ଼ିକ ପଢ଼ିବା ଜରୁରୀ ।

୪. ଦରଖାସ୍ତ କରିବା ସମୟରେ ଆବେଦନକାରୀଙ୍କ ପାଖରେ ପଦ ଅନୁଯାୟୀ ଆବଶ୍ୟକୀୟ ଯୋଗ୍ୟତା ଏବଂ ଅଭିଜ୍ଞତା ଥିବା ଆବଶ୍ୟକ । ପଦଗୁଡ଼ିକ ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ଦ୍ୱାରା ଧାର୍ଯ୍ୟ ହୋଇଥିବା ପାରିତୋଷିକ ବହନ କରୁଅଛି ।

୫. ଗୃହୀତ ଆବେଦନପତ୍ରଗୁଡ଼ିକୁ ଚୟନ ମାନଦଣ୍ଡ ଭିତ୍ତିରେ ବଛାଯାଇ ସାକ୍ଷାତକାର ପାଇଁ ଡକାଯିବ । କେବଳ ଆବଶ୍ୟକୀୟ ତଥ୍ୟ ଓ ଯୋଗ୍ୟତା ପୂରଣ କରୁଥିଲେ ସାକ୍ଷାତକାର ପାଇଁ ହକଦାର ହେବେ ନାହିଁ ।

୬. ପ୍ରକାଶନ ପାଇଁ ମାର୍କ ପର୍ଯ୍ୟାୟରେ, ପ୍ରକାଶନ 'ପ୍ରସ୍ତୁତି ଚାଲିଛି ' କିମ୍ବା ରେଫରିଙ୍କୁ ଦିଆଯାଇଛି ଇତ୍ୟାଦି ମାର୍କ ଗଣନାରେ ଯୋଗ ହେବନାହିଁ । ଅଧିକନ୍ତୁ, କୌଣସି କାର୍ଯ୍ୟ ପାଇଁ ମାର୍କ ଦାବୀ କେବଳ ପ୍ରକାଶିତ ନିର୍ଦ୍ଦେଶାବଳୀ ଅନୁସାରେ ହିଁ କରାଯିବ ।

୭. ଅବସରପ୍ରାପ୍ତ ପ୍ରଫେସର, ସହକାରୀ ପ୍ରଫେସରମାନଙ୍କ ପାଇଁ ପିଏଚ. ଡି ଡିଗ୍ରୀ ବାଧ୍ୟତାମୂଳକ ।

୮. ଚୟନିତ ପ୍ରାର୍ଥୀମାନେ ସାକ୍ଷାତକାର ସମୟରେ ସମସ୍ତ ମୂଳ ଦସ୍ତାବିଜ ଯଥା – ଭୋଟର କାର୍ଡ, ଆଧାର କାର୍ଡ, ପାସପୋର୍ଟ ଫଟୋ, ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ସହ ନିଜର ସ୍ୱାକ୍ଷର ସହିତ ଜେରକ୍ସ ନକଲ ଦାଖଲ କରିବେ ।

୯. କୌଣସି ପ୍ରାର୍ଥୀଙ୍କୁ ଯାତାୟାତ ଖର୍ଚ୍ଚ କିମ୍ବା ଦୈନିକ ଭତ୍ତା ଦିଆଯିବ ନାହିଁ ।

୧୦. ବିଜ୍ଞାପନରେ ଉଲ୍ଲିଖିତ ଯେ କୌଣସି ପଦ ପୂରଣ ବା ପଦର ସଂଖ୍ୟା ନିର୍ବାଚନ ସମ୍ପର୍କିତ ସିଦ୍ଧାନ୍ତ ନେବାର ସମ୍ପୂର୍ଣ୍ଣ ଅଧିକାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରେ ନିହିତ ।

୧୧. କୌଣସି ଆବେଦନକାରୀ ମିଥ୍ୟା ତଥ୍ୟ ବା ଜାଲ ପ୍ରମାଣପତ୍ର ଦାଖଲ କରିପାରିବେ ନାହିଁ ।

୧୨. ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଚୟନ ପ୍ରକ୍ରିୟାରେ କୌଣସି ତ୍ରୁଟି ଦୃଷ୍ଟିଗୋଚର ହେଲେ ନିଯୁକ୍ତି ପତ୍ର ପାଇଥିବା ପ୍ରାର୍ଥୀଙ୍କର ନିଯୁକ୍ତିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନାକଚ କରିପାରିବେ ।

୧୪. ଏଥିପାଇଁ କୌଣସି ପ୍ରକାର ଆବେଦନ ଫି ନାହିଁ ।

ଞ) ଆବଶ୍ୟକୀୟ ଦସ୍ତାବିଜ୍

ପ୍ରାର୍ଥୀମାନେ ବିଶ୍ୱବିଦ୍ୟାଳୟର ୱେବସାଇଟରୁ ଆବେଦନପତ୍ର ଡାଉନଲୋଡ କରି ନିମ୍ନଲିଖିତ ଦସ୍ତାବିଜଗୁଡ଼ିକୁ ନିଜ ଦ୍ୱାରା ଆଟେଷ୍ଟ କରି ଏକକିତା ନକଲ ପ୍ରେରଣ କରିବେ ।

କ) ୨ ଗୋଟି ପାସପୋର୍ଟ ସାଇଜ ଫଟୋ

ଖ) ଦଶମ / ଏକାଦଶ ଶ୍ରେଣୀର ପ୍ରମାଣପତ୍ର ଓ ମାର୍କସିଟ

ଗ) +୩ / ବି.ଏ ଶ୍ରେଣୀର ପ୍ରମାଣପତ୍ର ଓ ମାର୍କସିଟ

ଘ) ସ୍ନାତକୋତ୍ତର ପ୍ରମାଣପତ୍ର ଓ ମାର୍କସିଟ

ଙ) ନେଟ୍ ପ୍ରମାଣପତ୍ର (ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ଓବିସି / ଶାରୀରିକ ଭିନ୍ନକ୍ଷମବର୍ଗର ପ୍ରମାଣପତ୍ର ନିତାନ୍ତ ଜରୁରୀ)

ଚ) ପିଏଚ.ଡି ବିଜ୍ଞପ୍ତି ଓ ପ୍ରମାଣପତ୍ର (ଆବଶ୍ୟକ ସ୍ଥଳେ)

ଛ) ପ୍ରାଶାସନିକ ଅନୁଭୂତି (ଆବଶ୍ୟକ ସ୍ଥଳେ)

କୁଳସଚିବ
ଓଡ଼ିଆ ବିଶ୍ୱବିଦ୍ୟାଳୟ

ଓଡ଼ିଆ ବିଶ୍ୱବିଦ୍ୟାଳୟ

ସ୍ନାତକୋତ୍ତର ବିଭାଗ ସମୂହ ନିମନ୍ତେ ଅସ୍ଥାୟୀ ଅବସରପ୍ରାପ୍ତ ପ୍ରଫେସର / ସହକାରୀ ପ୍ରଫେସର / ଅତିଥି ଅଧ୍ୟାପକଙ୍କର

ଆବେଦନ ପତ୍ର

(ଆବେଦନପତ୍ର ପୂରଣ ପୂର୍ବରୁ ଯୋଗ୍ୟତା ସମ୍ପର୍କିତ ସମସ୍ତ ନିର୍ଦ୍ଦେଶ ଧ୍ୟାନପୂର୍ବକ ପଢ଼ିବାକୁ ଅନୁରୋଧ)

.....

ଫଟୋ
ସଂଲଗ୍ନ କରନ୍ତୁ

୧ . ପଦବୀ : .....

କ) ବିଷୟ . .....

୨ . ସମ୍ପୂର୍ଣ୍ଣ ନାମ : .....

୩. ପିତା/ମାତା/ସ୍ୱାମୀ/ସ୍ତ୍ରୀଙ୍କ ନାମ :.....

୪ . ବର୍ତ୍ତମାନର ଡାକ ଠିକଣା :.....

.....

.....

୫ . ଇ-ମେଲ : .....

୬ . ଦୂରଭାଷ ନମ୍ବର :.....

୭ . ସ୍ଥାୟୀ ଠିକଣା :.....

.....

୮ . ଜନ୍ମ ତାରିଖ (ସଂଖ୍ୟାରେ).....

(ଅକ୍ଷରରେ) .....

୯ . ଲିଙ୍ଗ :.....

୧୦ . ଜାତୀୟତା : .....

୧୧ . ବର୍ଗ (ସଂରକ୍ଷିତ ବର୍ଗ / ଅନ୍ୟାନ୍ୟ ପଛୁଆ ବର୍ଗ / ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି) :

.....

୧୨. ଶାରୀରିକ ଭିନ୍ନକ୍ଷମ (ହଁ / ନାହିଁ). .....

ଯଦି ହଁ ତେବେ ସବିଶେଷ ଉଲ୍ଲେଖ କରନ୍ତୁ .....

୧୩ . ଆବେଦନକାରୀଙ୍କ ମାତୃଭାଷା : .....

ଅନ୍ୟ ଜାଣିଥିବା ଭାଷା ପଢ଼ିବା/ଅଧ୍ୟୟନ କରିବା

ଲେଖିବା

କହିବା

୧୪ . **ଶିକ୍ଷାଗତ ଯୋଗ୍ୟତା** :

ଶ୍ରେଣୀ	ବିଶ୍ୱବିଦ୍ୟାଳୟ/ ବୋର୍ଡ	ଶିକ୍ଷାନୁଷ୍ଠାନ	ଶ୍ରେଣୀ	ପ୍ରତିଶତ	ଉତ୍ତୀର୍ଣ୍ଣ ବର୍ଷ	ଡିଷ୍ଟିଙ୍ଗସନ୍ (ହଁ/ନାହିଁ)
ଦଶମ / ଏକାଦଶ						
ଯୁକ୍ତ ଦୁଇ (+୨)/ ଆଇ.ଏ						
ଯୁକ୍ତ ତିନି (+୩)/ବି.ଏ (ସମ୍ମାନ)						
ଏମ୍. ଏ						
ଏମ୍. ଫିଲ						
ପିଏଚ. ଡି						
ନେଟ୍/ଜେ.ଆର.ଏଫ୍						
ଅନ୍ୟାନ୍ୟ						

୧୫. ସ୍ୱତନ୍ତ୍ର ପତ୍ର : .....

.....

୧୬. ଏମ୍. ଫିଲ. ଥେସିସ୍ ଶୀର୍ଷକ : .....।

.....

୧୭. ପିଏଚ. ଡି ଥେସିସ୍ ଶୀର୍ଷକ : .....

.....

୧୮. **ଶିକ୍ଷାଦାନର ଅଭିଜ୍ଞତା :**

ଅନୁଷ୍ଠାନର ନାମ	ପଦବୀ	ପଦବୀର ପ୍ରକାର (ଅସ୍ଥାୟୀ/ ଚୁକ୍ତିଭିତ୍ତିକ / ଅତିଥି ଅଧ୍ୟାପକ)	କେବେଠାରୁ କେବେ ପର୍ଯ୍ୟନ୍ତ	ଅଭିଜ୍ଞତା ବର୍ଷ	କେଉଁ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପଢ଼ାଇଛନ୍ତି

୧୯ . ପ୍ରାଶାସନିକ ଅଭିଜ୍ଞତା ଯଦିକିଛି ଥାଏ | (ଅବସରପ୍ରାପ୍ତ ପ୍ରଫେସର / ସହକାରୀ ପ୍ରଫେସରମାନଙ୍କ ପାଇଁ)

ପ୍ରାଶାସନିକ ଅଭିଜ୍ଞତାର ପ୍ରକୃତି/ବର୍ଷର ଅଭିଜ୍ଞତା

ଅନୁଷ୍ଠାନର ନାମ	ପଦବୀ	ପଦବୀର ପ୍ରକୃତି (ସ୍ଥାୟୀ /ଅସ୍ଥାୟୀ / ଚୁକ୍ତିଭିତ୍ତିକ)	ପ୍ରାଶାସନିକ ଅଭିଜ୍ଞତା	କେତେ ବର୍ଷର ଅଭିଜ୍ଞତା

୨୦. ଗବେଷଣା କାର୍ଯ୍ୟ / ପ୍ରକାଶନ (ଆବଶ୍ୟକ ହେଲେ ଅତିରିକ୍ତ ପୃଷ୍ଠା ସଂଲଗ୍ନ କରାଯାଇପାରେ) | (ପ୍ରକାଶନଗୁଡ଼ିକର ବିବରଣୀ, ଜର୍ଣ୍ଣାଲ୍ / ପୁସ୍ତକର ନାମ, ଭଲ୍ୟୁମ୍ ଏବଂ ଇସ୍ୟୁ ନଂ .. ବର୍ଷ, ISSN / ISBN, ସହ-ଲେଖକ ଇତ୍ୟାଦି ଏକ ପୃଥକ ପୃଷ୍ଠାରେ ଦାଖଲ କରାଯାଇପାରେ ଏବଂ ସ୍ୱ-ପ୍ରମାଣପତ୍ରର ଜେରକ୍ସ କପି ସଂଲଗ୍ନ କରାଯାଇପାରେ)

କ୍ରମିକ ସଂଖ୍ୟା	କାର୍ଯ୍ୟକଳାପ	ସଂଖ୍ୟା
କ)	ୟୁଜିସିର କେୟାର / ସ୍କପସ୍ ଜର୍ଣ୍ଣାଲରେ ପ୍ରକାଶିତ ଗବେଷଣା ପତ୍ର	
ଖ)	ପୁସ୍ତକଗୁଡ଼ିକ (ଲିଖିତ ଓ ସମ୍ପାଦିତ ପୁସ୍ତକଗୁଡ଼ିକର ବିବରଣୀ)	
ଗ)	ସମ୍ପାଦିତ ପୁସ୍ତକର ଅଧ୍ୟାୟ	
ଘ)	ଭାରତୀୟ ଏବଂ ବିଦେଶୀ ଭାଷାରେ ଅନୁବାଦ କରିଥିବା ପୁସ୍ତକ	
ଙ)	ସୂଚନା ଓ ଯୋଗାଯୋଗ ଭିତ୍ତିକ କୌଶଳ ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣର ବିବରଣୀ	
ଚ)	ଏମ୍. ଏ, ଏମ୍. ଫିଲ ଶ୍ରେଣୀ ପାଇଁ ତତ୍ତ୍ୱାବଧାରକ କାର୍ଯ୍ୟ	
ଛ)	ପିଏଚ. ଡି ତତ୍ତ୍ୱାବଧାରକ	
ଜ)	ପୁରସ୍କାର / ଫେଲୋସିପ୍	
ଝ)	ସେମିନାର / କନଫରେନ୍ସ ନିମନ୍ତ୍ରଣର ବିବରଣୀ	

୨୧. ବୃତ୍ତିଗତ ସଂସ୍ଥାଗୁଡ଼ିକର ସଦସ୍ୟତା:

୨୨. ଅନ୍ୟାନ୍ୟ ସୂଚନା:
(ଅବସରପ୍ରାପ୍ତ ପ୍ରଫେସର,ଏମିରିଟସ୍ / ଅଡ୍ଜଣ୍ଟ ପ୍ରଫେସର/ ଅବସରପ୍ରାପ୍ତ ସହକାରୀ ପ୍ରଫେସର ଇତ୍ୟାଦି)

୨୩. ସଂଲଗ୍ନ ହୋଇଥିବା ଦଲିଲଗୁଡ଼ିକର ତାଲିକା:

କ.

ଖ.

ଗ .

ଘ .

ଙ .

ଚ.

ଛ.

ଜ.

ଝ .

ଞ.

ଘୋଷଣାନାମା

ମୁଁ ଏଠାରେ ଘୋଷଣା କରୁଅଛି ଯେ, ଏହି ଆବେଦନ ପତ୍ରରେ ସଂଲଗ୍ନ କରାଯାଇଥିବା ସମସ୍ତ ବିବୃତି ମୋ ଜ୍ଞାନ ଏବଂ ବିଶ୍ୱାସରେ ସତ୍ୟ ଅଟେ |

ତାରିଖ: ଆବେଦନକାରୀଙ୍କ ଦସ୍ତଖତ

ସ୍ଥାନ: ନାମ: